**ମହୁମାଛି ଆକ୍ରମଣରେ ୨ ଆହତ**

କାମାକ୍ଷାନଗର,(ସୁଧୀର ପରିଡା): କାମାକ୍ଷାନଗର ଥାନା କାଦୁଆ ଗ୍ରାମରେ ରବିବାର ମହୁମାଛି ଆକ୍ରମଣରେ ମାୟାଧର ଦେହୁରୀ ଏବଂ ଝୁମର ସେଠ ଆହତ ହୋଇଛନ୍ତି। ସେମାନଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାୟାଧର ବିଲରୁ ଫେରୁଥିବାବେଳେ ଏବଂ ଝୁମର ଗ୍ରାମ ପୋଖରୀକୁ ଯିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ।

# ମାନବାଧିକାର ମହତ୍ତ୍ୱ ଉପରେ ଆଲୋକପାତ

**ଅନୁଗୋଳ,୧୦।୧୨(ଅମିତ ସାମଲ)**

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆଦୃତା ଶିଶୁଗୃହ ପଞ୍ଚମହଲାଠାରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଅନୁଗୋଳ ପରିବାର ଅଦାଲତ ବିଚାରପତି ସଦାଶିବ ଜେନା, ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦୀପ୍ତିମୟୀ ସାହୁ, ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ବଳଦେବ କର, ଶିଶୁ ମଙ୍ଗଳ କମିଟି ସଦସ୍ୟା ମମତା ପ୍ରଧାନ, ଡ. ପୁଷ୍ପା ସାହୁ, ଆସିଷ୍ଟାଣ୍ଟ ଲିଗାଲ ଏଡ କାଉନ୍‌ସିଲ ଅଲେଖ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ମାନବାଧିକାର ଦିବସର ମହତ୍ତ୍ୱ ଉପରେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହିତ ସାମାଜିକ ଓ ଆର୍ଥିକସ୍ତରରେ ପଛୁଆ ଥିବା ବ୍ୟକ୍ତି କିପରି ବିନା ମୂଲ୍ୟରେ ଆଇନସେବା ପାଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଦୃତା ଶିଶୁଗୃହ ପଞ୍ଚମହଲାର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ। ସୁଦର୍ଶନ ପରିଡ଼ା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଯୁବ କଂଗ୍ରେସ ସୁଦୃଢ଼ ହେଲେ ଦଳ ଆଗକୁ ବଢ଼ିବ



**ଅନୁଗୋଳରେ ଯୁବ କଂଗ୍ରେସ ସମ୍ମିଳନୀ**

**ଅନୁଗୋଳ, ୧୦।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଯୁବ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ଭବନ ଠାରେ ଯୁବ କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ଏଥିରେ ଯୋଗଦେଇ କହିଥିଲେ, ଯୁବ କଂଗ୍ରେସ ସୁଦୃଢ଼ ହେଲେ କଂଗ୍ରେସ ଆଗକୁ ବଢ଼ିବ। ଜିଲାରେ ଅନେକ କାଳକାରଖାନା ଥିଲେ ମଧ୍ୟ ୫୦%ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ବେକାର ଅଛନ୍ତି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନାହିଁ। ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଆଗାମୀ ଦିନରେ ଯୁବ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦିଆଯିବ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ ଯୋଗଦେଇ କିଭଳି ଭାବେ ସରକାର ଯୁବ ବିରୋଧୀ ନୀତି ଆପଣାଉଛନ୍ତି ଏବଂ ଯୁବ କଂଗ୍ରେସ ସୁଦୃଢ ହେବ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କଂଗ୍ରେସ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଦୁଷ୍ମନ୍ତ ଦଳବେହେରା, ପ୍ରଫୁଲ୍ଲ ଦାସ, ବଳବୀର ସିଂ, ସହଦେବ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଟିକନ ସାମଲ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସାମଲ, ବଣଁରପାଳ ବ୍ଲକ ସଭାପତି ବିଦ୍ୟାଧର ବରାଳ ଏବଂ ନଗର ସଭାପତି ଲୁଟୁ ରଞ୍ଜନ ଥାପା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଶା ପ୍ରଦେଶ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା,ସ୍ୱାସ୍ଥ୍ୟରେ ଉନ୍ନତି ଅଣାଯାଉ

**ଅନୁଗୋଳ,୧୦।୧୨(ଅମିତ ସାମଲ)**

ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟିଭ ୟୁନିୟନ୍ (ଅଶ୍ରୁ) ଅନୁଗୋଳ ଶାଖାର ଜିଲା ସମ୍ମିଳନୀ ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମହେନ୍ଦ୍ର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ୟୁନିୟନ ରାଜ୍ୟ ସମ୍ପାଦକ ସତ୍ୟବ୍ରତ ମହାପାତ୍ର, ସିଟୁ ରାଜ୍ୟ ଉପସଭାପତି ଡକ୍ଟର ଉପେନ୍ଦ୍ର ଶର୍ମା ଯୋଗଦେଇ ଅନୁଗୋଳ ଏକ ଶିଳ୍ପ ସମୃଦ୍ଧ ଜିଲା ହୋଇଥିବାରୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଅଣାଯାଉ ବୋଲି ମତବ୍ୟକ୍ତ କରିଥିଲେ। ଆସନ୍ତା ୨୦ ତାରିଖରେ ଅଶ୍ରୁର ସର୍ବଭାରତୀୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ ନନ୍ଦ, ଜିଲା ସଭାପତି ପ୍ରହଲ୍ଲାଦ ରଥ, ସମ୍ପାଦକ ସାଗର ସଙ୍ଗମ ମହାପାତ୍ର, କୋଷାଧ୍ୟକ୍ଷ ନିର୍ମଳ ମହାନ୍ତି, ଉପସଭାପତି ମହେଶ ଦେଓ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



ଟାଉନହଲ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

# ଉଫୁନା ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ଉଫୁନା ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ରବିବାର ପାଳିତ ହୋଇଯାଇଛି। ଉଫୁନାର ସର୍ବଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରି କହିଲେ, କୌଣସି ମଣିଷ ଜୀବିକା ଓ ଜୀବନ ନିର୍ବାହ କରୁଥିବା ସମୟରେ ଯଦି ମାନସିକ, ଶାରୀରିକ ଓ ଅର୍ଥନୈତିକ ଦୃଷ୍ଟିରୁ ଚାପର ସମ୍ମୁଖୀନ ହେଲା ତାହା ମାନବାଧିକାର କ୍ଷୁଣ୍ଣ ହେଉଛି ବୋଲି ବୁଝିବାକୁ ହେବ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ୟୁକ୍ରେନ ଉପରେ ରୁଷିଆର ଆକ୍ରମଣରେ ଅନେକ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି। ଫଳରେ ୟୁକ୍ରେନ୍ ଜନସାଧାରଣଙ୍କ ମାନବାଧିକାର ଉଲ୍ଲଂଘିତ ହେଉଛି। ପରିବେଶବିତ୍ ଉପେନ୍ଦ୍ର ରାଉତ କହିଲେ, ଡାକ୍ତର ରୋଗୀଙ୍କୁ ବିନା ପଇସାରେ ଚିକିତ୍ସା କରିବା ପାଇଁ ଯଦି ମନା କରନ୍ତି ତେବେ ଏହା ମାନବାଧିକାରକୁ ଉଲ୍ଲଂଘନ। ଡ. ପ୍ରମୋଦ ନାୟକ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ, ଯୁଧିଷ୍ଠିର ସାହୁ, ଡମ୍ବରୁଧର ପଣ୍ଡା, ଗୋକୁଳ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ପ୍ରଫେସର ବିଶ୍ୱନାଥ ମହାପାତ୍ର, ପ୍ରଫେସର କ୍ଷୀରୋଦ ନାୟକ, ଦେବ ମିଶ୍ର, ଲକ୍ଷ୍ମୀଧର ଶତପଥୀ, ତରୁଣ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚିତ୍ତରଞ୍ଜନ ମହାନ୍ତି, ଅବିନାଶ ଦାସ ପରିଚାଳନା କରିଥିଲେ।




# ବଉଳିଗଡ଼କୁ ହରାଇ ଟେଣ୍ଟୋଲୋଇ ଚାମ୍ପିୟନ

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମାନପୁର କ୍ରିକେଟ୍ ପଡିଆଠାରେ ୟୁଥଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମାନପୁର କପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ବଉଳିଗଡ ଏବଂ ଟେଣ୍ଟୋଲୋଇ ମଧ୍ୟରେ ଖେଳାଯାଇଥିଲା। ଟେଣ୍ଟୋଲୋଇ ପ୍ରଥମେ ବ୍ୟାଟିଂ କରି ୧୧୧ରନ କରିଥିଲା। ଜବାବରେ ବଉଳିଗଡ ୬୨ରନ କରି ପରାସ୍ତ ହୋଇଥିଲା। ଅତିଥି ଭାବେ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା, ଚିତ୍ତରଞ୍ଜନ ନାଥ, ବିନୋଦ ବେହେରା, ଅଶୋକ ରାଉତ, ରସାନନ୍ଦ ଭୁତିଆ, ଜିଏମ୍‌ଆର୍ କମ୍ପାନୀର ଦିଲୀପ କର, ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭିକି ମ୍ୟାନ ଅଫ୍ ଦି ସିରିଜ ଓ ବିକାଶ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ସୁବ୍ରତ ରାଉତ, ପ୍ରଶାନ୍ତ ରାଉତ ପରିଚାଳନା କରିଥିଲେ। ସଂଗ୍ରାମ ଗଡନାୟକ, ଅକ୍ଷୟ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଢେଙ୍କାନାଳ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଢେଙ୍କାନାଳ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀମାନେ।।

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନୂଆ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା ଅଭିଯାନରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ରଙ୍ଗୋଲି, ଝୋଟି, ଏକକ ଅଭିନୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ନୋଡାଲ ଅଧିକାରୀ ଡ. ଦେବାଶିଷ ମହାନ୍ତି, ମହାବିଦ୍ୟାଳୟର ନୋଡାଲ ଅଧିକାରୀ ଡ. ଅମୃତ ସେଠ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ସାଧୁଚରଣ ପ୍ରଧାନ, ଡ. ମଞ୍ଜୁଳିକା ନାୟକ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ନବନିଯୁକ୍ତ ଜିଲା ସଂଯୋଜକଙ୍କୁ ସମ୍ବର୍ଦ୍ଧନା

**କଣିହାଁ,୧୦।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଯେପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୬ ଜିଲା ପାଇଁ ୧୯ ଜଣଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରିଥିଲେ। ସେଥିମଧ୍ୟରେ ଅନୁଗୋଳ ଜିଲା ପାଇଁ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ରବିବାର ନବନିଯୁକ୍ତ ଜିଲା ସଂଯୋଜକ କୈଳାସଙ୍କ ବାସଭବନକୁ ତାଳଚେର, କଣିହାଁ, ପାଲଲହଡା ବ୍ଲକର ବିଜେଡି କର୍ମକର୍ତ୍ତାମାନଙ୍କ ସହ ସୁସୁବା, ବୁରୁକୁନା, କାକୁଡିଆ, ଡେରେଙ୍ଗ, ତାଳପଦା ଆଦି ପଞ୍ଚାୟତର ଦଳୀୟ କର୍ମୀମାନେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।


ଅନୁଗୋଳ ଜିଲାରେ ସଂଯୋଜକ ଦାୟିତ୍ୱ ନେଇଥିବା କୈଳାସ ଚନ୍ଦ୍ର ସାହୁଙ୍କୁ ଶୁଭେଚ୍ଛା ଜଣାଯାଉଛି।

# ୧୬ରେ ରାଜ୍ୟସ୍ତରୀୟ ସମାବେଶ



ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ଅନୁଗୋଳ ଜିଲା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

**ତାଳଚେର,୧୦।୧୨(ମନୋଜ ନନ୍ଦ)**

ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସର ଅନୁଗୋଳ ଜିଲା ସମ୍ମିଳନୀ ସ୍ଥାନୀୟ ସାଉଥ ବଲଣ୍ଡାସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ସୀମା ମଣ୍ଡଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ବନ୍ଦ କଳକାରଖାନା ଚାଲୁ କରିବା, ଆଶା, ଅଙ୍ଗନୱାଡି, ପାଚିକା ୱାର୍କରଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବିରୋଧରେ ଆଗାମୀ ୧୬ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ତାଳଚେର କୋଲ୍ ମାଇନ୍ସ ଏମ୍ପ୍ଲୋଇଜ ୟୁନିଅନ ସମ୍ପାଦକ ସୁରେନ୍ଦ୍ର ଶର୍ମା, ତ୍ରିବେଣୀ ବିଶ୍ୱାଳ, ବୃନ୍ଦାବନ ଲେଙ୍କା, ଅମୂଲ୍ୟ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ବର୍ଷ ପାଇଁ ଅନୁଗୋଳ ଜିଲା ଏଆଇଟିୟୁସି ସଭାପତି ଭାବେ ପୁଷ୍ପାଞ୍ଜଳି ସାହୁ, ସମ୍ପାଦକ ଭାବେ ସୁରେନ୍ଦ୍ର ଶର୍ମାଙ୍କୁ ମନୋନୀତ କରାଯାଇଥିଲା। ଅଙ୍ଗନୱାଡି ନେତ୍ରୀ ମନୋରମା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ଖୋଲିବ 'ବ୍ଲାକ ଡାଇମଣ୍ଡ'

**ଅନୁଗୋଳ,୧୦।୧୨(ଅମିତ ସାମଲ)**

ଆଜିଠୁ ପାଠିକାପାଠକଙ୍କ ପାଇଁ ଖୋଲିବ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ 'ବ୍ଲାକ ଡାଇମଣ୍ଡ'। ପାଠାଗାର ପ୍ରତ୍ୟେକ ଦିନ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ସରକାରୀ ଛୁଟି ଦିନ ଗୁଡିକରେ ବନ୍ଦ ରହିବ। ଇଚ୍ଛୁକ ପାଠିକା ପାଠକମାନେ ମାସିକ ୧୫୦ ଟଙ୍କା ଦେୟ ପୈଠ କରି ଏହି ପାଠାଗାରର ସୁବିଧା ନେଇପାରିବେ। ପଞ୍ଜୀକରଣ ପାଇଁ ୧୧ ତାରିଖ (ସୋମବାର)ରୁ ଜିଲା ପାଠାଗାର (ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସର)ରେ ଅପରାହ୍ନ ୩ ଟାରୁ ୫ଟା ମଧ୍ୟରେ ଆବେଦନ କରିପାରିବେ। ଆବେଦନ ପାଇଁ ଆଧାର କାର୍ଡ, ମୋବାଇଲ ନମ୍ବର, ଜନ୍ମ ତାରିଖ ଓ ସ୍ଥାୟୀ ଠିକଣା ଆଦିର ଆବଶ୍ୟକତା ରହିଛି। ସର୍ବସାଧାରଣଙ୍କ ପାଇଁ ଏହି ପାଠାଗାର ଖୁବ୍‌ଶୀଘ୍ର ଖୋଲାଯିବାର କାର୍ଯ୍ୟକ୍ରମ ରହିଛି।



# ମହିମା ପୀଠ ଉନ୍ନତୀକରଣ କାର୍ଯ୍ୟ ସମୀକ୍ଷା

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ରବିବାର ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମା ଗାଦି ଯୋରନ୍ଦା ଗସ୍ତରେ ଆସିଥିଲେ। ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିମା ଗାଦି ଯୋରନ୍ଦା ଗସ୍ତ ଥିବାରୁ ଏଥିପୂର୍ବରୁ ପୀଠରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହିତ ମହିମା ସାଧୁ ଓ ସନ୍ନ୍ୟାସୀ ଏବଂ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ। ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପୀଠର ବିଭିନ୍ନ ମଠ, ମନ୍ଦିର ବୁଲି ଦେଖିଥିଲେ।


ଢେଙ୍କାନାଳ ବିଧାୟକ ଓ ସାଧୁ ସନ୍ନ୍ୟାସୀମାନଙ୍କ ସହ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ।

# ନାରୀମାନେ ସମାଜର ମେରୁଦଣ୍ଡ

**ଆଦର୍ଶ ଗ୍ରୁପ୍ ପକ୍ଷରୁ ପ୍ରତିଭା ସମ୍ମାନ ପ୍ରଦାନ**

**ଅନୁଗୋଳ, ୧୦।୧୨ (ଅମିତ କୁମାର ସାମଲ)**

ଆଦର୍ଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଅନୁକୂଲ୍ୟରେ ଅନୁଗୋଳ ସଭାଘରଠାରେ ପ୍ରତିଭା ସମ୍ମାନ ପ୍ରଦାନ ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଧରଣୀଧର ନାଥ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ନଗରପାଳ ଭକ୍ତି ପ୍ରସାଦ ଦାସ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ନାରୀମାନେ ଆମ ସମାଜର ଗର୍ବ ଓ ଗୌରବ। ସେମାନେ ହିଁ ସମାଜର ମେରୁଦଣ୍ଡ। ସେମାନଙ୍କ ଉନ୍ନତି ହିଁ ଦେଶର ଉନ୍ନତି। ଏହି ଅବସରରେ ଅନୁଗୋଳରେ କାର୍ଯ୍ୟରତ ଗୃହରକ୍ଷୀ, ଅନୁଗୋଳ ଓ ବଣଁରପାଳ ବ୍ଲକର ସ୍ୱୟଂ ସହାୟିକା ଗୋଷ୍ଠୀ, ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲସିତାଶ୍ରୀ ମହାନ୍ତି ଓ ସୁଶୀଲ ପ୍ରଧାନ ସଂଯୋଜନା କରିଥିବାବେଳେ ଆଦର୍ଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ୍ସର ଲୋକ ସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ଓ ସତ୍ୟ ନାରାୟଣ ସିଂହସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ବିପ୍ରବର ସାହୁ, ଗିରୀଶ ଚନ୍ଦ୍ର ନାୟକ, ଚିନ୍ମୟ ଦାଶ, ରୀନା ସେନ୍, ନଭଶ୍ମିତା ଦାସ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଲସିତାଶ୍ରୀ ମହାନ୍ତି, ମଞ୍ଜୁଲତା ପଣ୍ଡା, ପିପି ରଥ, ସରିତା ରାଜଗୁରୁ ଓ ପ୍ରାଚୀ ପ୍ରତ୍ୟାଶା ସାହୁ ଓଡ଼ିଶୀ ଏବଂ ଲୋକନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ପ୍ରଦୀପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଭା ସମ୍ମାନ ପ୍ରଦାନ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସଚେତନ କଲେ ଛାତ୍ରୀଛାତ୍ର, ଗ୍ରାମବାସୀ

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଛାଟିଆ ଗ୍ରାମରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାଟିଆ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇ ବ୍ୟାନର ଓ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଯାଇ ସମସ୍ତଙ୍କୁ ସଚେତନ କରିଥିଲେ। ଏହାପରେ ଗ୍ରାମର ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ପ୍ରହଲାଦ କୁମାର ନାୟକ, ସାମାଜିକ କର୍ମୀ ବିଷ୍ଣୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଗା ମାଧବ ପାଣିଗ୍ରାହୀ ମିଳିତ ଶପଥପାଠ କରାଇଥିଲେ। କାର୍ତ୍ତିକେଶ୍ୱର ପ୍ରଧାନ, ସୁନୀଲ କୁମାର ନାୟକ, ସୁଧୀର କୁମାର ମହାପାତ୍ର, ଶଶିକାନ୍ତ କର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାପରେ କୁଇଜ କାର୍ଯ୍ୟକ୍ରମ ଜରିଆରେ ଗ୍ରାମବାସୀଙ୍କୁ ପୁରସ୍କୃତ କରାଯାଇଥିଲା।



# ବ୍ରାହ୍ମଣୀ ପୂଜନ, ବନ୍ଦାଣ କଲେ ଅତିଥି



ନାଗନାଥେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବ୍ରାହ୍ମଣୀ ପୂଜନ କରାଯାଉଛି।

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

## ନାଗନାଥେଶ୍ୱର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଚାଉଳିଆ ପଞ୍ଚାୟତ ମଧ୍ୟରେ ଥିବା ବଡ଼ ନାଗେନାଠାରେ ଦ୍ୱିତୀୟ ବ୍ରାହ୍ମଣୀ ବନ୍ଦାଣ ଓ ଉତ୍କଳର ଦ୍ୱାଦଶ ଜ୍ୟୋର୍ତିର୍ଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପୀଠରେ ନାଗନାଥେଶ୍ୱର ମହୋତ୍ସବର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଗୋବିନ୍ଦଚନ୍ଦ୍ର ମୁଖ୍ୟ ଅତିଥି, ଅଭିନେତା ଅଶୋକ ଦାଶ, ଶତ୍ରୁଘ୍ନ ମାଟି, କଣ୍ଠଶିଳ୍ପୀ ସ୍ନିଗ୍ଧା ନନ୍ଦ, କମଳ ନନ୍ଦ, ଶିକ୍ଷାବିତ୍ ପ୍ରେମାନନ୍ଦ ରାଉତ, ବରିଷ୍ଠ ସାମାଜିକ କର୍ମୀ ଜୟନ୍ତ ହୋତା, ଜଳଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବାବା ବଶିଷ୍ଟ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ବ୍ରାହ୍ମଣୀ ପୂଜନ ଓ ବନ୍ଦାଣ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଗୋବିନ୍ଦଚନ୍ଦ୍ର, ସ୍ନିଗ୍ଧା ନନ୍ଦ ଓ କମଳ ନନ୍ଦ ସଙ୍ଗୀତ ପରିବେଷଣ କରିଥିବା ବେଳେ ନାଟ୍ୟକାର ଶତ୍ରୁଘ୍ନ ମାଟିଙ୍କ ନିର୍ଦ୍ଦେଶିତ ନାଟକ ଜେଜେ ପରିବେଷଣ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିକାଶ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବନୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନ୍ଦିର କମିଟି ସଭାପତି ନିତ୍ୟାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ କମିଟି ସଦସ୍ୟ ସର୍ବେଶ୍ୱର ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

# ବଣସିଂହ ବିଦ୍ୟାଳୟରେ ଗଣିତ ପ୍ରତିଯୋଗିତା

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ବଣସିଂହ ଉପ୍ରା ବିଦ୍ୟାଳୟରେ ଅକ୍ଷରା ଫାଉଣ୍ଡେଶନ ତରଫରୁ ଓ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗଣିତ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ସରପଞ୍ଚ ପ୍ରମିଳା ବେହେରା ଓ ସାମାଜିକ କର୍ମୀ ଜଳଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ବିଦ୍ୟାଳୟରୁ ୩୧୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିଶ୍ୱ ରଞ୍ଜନ ସାହୁ, ଦୁଷ୍ମନ୍ତ ମହାନ୍ତି, ସ୍ମୃତିପ୍ରଜ୍ଞା ମଲ୍ଲିକ, ଅମରେନ୍ଦ୍ର ସ୍ୱାଇଁ, ଆୟୁଷ ସାହୁ, ଭବାନୀ ଶଙ୍କର ହାତୀ, ଅଂଶୁମାନ ସାହୁ, ସ୍ନେହପ୍ରଜ୍ଞା ବେହେରା ଓ ଆଶୀର୍ବାଦ ଅଂଶୁମାନ ମହାନ୍ତି ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ସିଆର୍‌ସିସି ବିକାଶ ଜେନା, ପ୍ରଧାନ ଶିକ୍ଷକ ବିକ୍ରମ ସେଠୀ, ଅକ୍ଷରା ଫାଉଣ୍ଡେଶନ ସଂଯୋଜକ ଭବାନୀ ଶଙ୍କର ବେହେରା, ଶଙ୍କର ନାରାୟଣ, ଶିକ୍ଷକ ଗୋଲକ ବିହାରୀ ସାମଲ, କମିଟି ସଭାପତି ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଗଣିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସାମାଜିକ ସେବା ଅଧୀନରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବେସାଳିଆ ଗ୍ରାମରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ଯୌତୁକ ନିର୍ଯାତନା, ବାଲ୍ୟ ବିବାହ, ଶିକ୍ଷାର ମହତ୍ତ୍ୱ, ସାପ କାମୁଡ଼ା ଉପରେ ଛାତ୍ରୀମାନେ ସଚେତନ କରିଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ନାଟକ ମାଧ୍ୟମରେ ସଚେତନତାର ବାର୍ତ୍ତାକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲ, ନୋଡାଲ୍ ଅଫିସର ଲୀନା ଗନ୍ତାୟତ, ସାମାଜିକ ସେବାର କୋଅର୍ଡିନେଟର୍ ଅଧ୍ୟାପିକା ଡ. ସାଗରିକା ପଣ୍ଡା ଏବଂ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସରପଞ୍ଚ ସୁଜାତା ପ୍ରଧାନ ଏବଂ ସମିତି ସଭ୍ୟା ଜୟଶ୍ରୀ ଦାସ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ରାମଚନ୍ଦ୍ର ମଲ୍ଲ ଏହାର ଉଦ୍‌ଘାଟନ କରିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପିକା ଲୀନା ଗନ୍ତାୟତ, ସ୍ପୋର୍ଟ୍ସ କୋଅର୍ଡିନେଟର ଅଧ୍ୟାପକ ପଙ୍କଜ ବାରିକ ମ୍ୟାଚ ପରିଚାଳନା କରିଥିଲେ।



ପଥପ୍ରାନ୍ତ ନାଟକ ମାଧ୍ୟମରେ ଛାତ୍ରୀମାନେ ସଚେତନତା ସୃଷ୍ଟି କରୁଛନ୍ତି।

# ୧୭ରେ ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମିତି ବାର୍ଷିକ ସମ୍ମିଳନୀ

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆସନ୍ତା ୧୭ ଓ ୧୮ ତାରିଖରେ ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମିତିର ବାର୍ଷିକ ସମ୍ମିଳନୀ ଓ ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ ଜାତୀୟ ସୋପାନ ଆୟୋଜିତ ହେବ। ଏହି ଜାତୀୟ ସୋପାନକୁ ସଫଳ କରିବା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଓଡ଼ିଶା, ବିଶେଷକରି ଢେଙ୍କାନାଳ ଜିଲାର ସମସ୍ତ ଉଦ୍ଭିଦ ବିଜ୍ଞାନୀ ଓ ଉଦ୍ଭିଦ ପ୍ରେମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜାତୀୟ ଉଦ୍ଭିଦ ଗବେଷଣା ଅନୁଷ୍ଠାନ ଲକ୍ଷ୍ନୌର ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସାନି ଯୋଗଦେବେ। ଆବାହକ ଡ. ଅନିରୁଦ୍ଧ ଖିଲାର ଓ ସାଙ୍ଗଠନିକ ସମ୍ପାଦକ ଡ. ଦେବରାଜ ପରିଡା ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି।

# ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



**କାମାକ୍ଷାନଗର,୧୦।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଉପକଣ୍ଠ ଜିରିଡାମାଳିଠାରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ପଢୁଥିବା ସମସ୍ତ ଶ୍ରେଣୀର ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ଏହି ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ଅବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀରୁ ପେନ, ପେନ୍‌ସିଲ ଷ୍ଟାଣ୍ଡ, ବନ୍ୟଜନ୍ତୁଙ୍କ ଦାଉରୁ ଫସଲ ସୁରକ୍ଷା, ବ୍ୟାଟେରି ମାଧ୍ୟମରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ, ଟେଲିସ୍କୋପ ଆଦି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ସମ୍ପାଦକ ପ୍ରମୋଦ ଦାଶ, ଅଧ୍ୟକ୍ଷ ଶଶୀଭୂଷଣ ମହାପାତ୍ର, ବୀଣାପାଣି ସାମଲ, ଶତ୍ରୁଘ୍ନ ମିଶ୍ର, କବିତାରାଣୀ ପଣ୍ଡା, ବିଶ୍ୱଜିତ୍ ପଣ୍ଡା, ସ୍ନେହଝରା ବେହେରା ଓ ସୁଚେତା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଗୁଣ୍ଡୁରାପଶିରେ ସାକ୍ଷରତା ଅଭିଯାନ

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଣ୍ଡୁଝରୀ ପଞ୍ଚାୟତ ଗୁଣ୍ଡୁରାପଶି ଗ୍ରାମରେ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନ୍ଦିପୁରର ଛାତ୍ରୀଛାତ୍ରମାନେ ନୂଆ ଓଡ଼ିଶା ନବୀନ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଶନିବାର ସାକ୍ଷରତା ଅଭିଯାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରାଜ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ଗୁଣ୍ଡୁରାପଶି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିକନ ସାହୁ, ୱାର୍ଡମେମ୍ବର ପ୍ରଦୀପ୍ତ କୁମାର ନାୟକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ମହାପାତ୍ର, ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ, ଶ୍ରୀକାନ୍ତ କୁମାର ରାଉଳ, ଡେମୋନ୍‌ଷ୍ଟ୍ରେଟର ସୁଶୀଲ କୁମାର ନାୟକ, ଶଶିକାନ୍ତ କର ଓ କାର୍ତ୍ତିକଚନ୍ଦ୍ର ପ୍ରଧାନ ଯୋଗଦେଇ ସରକାରଙ୍କ ଶିକ୍ଷାନୀତିକୁ ଆପଣାଇ ନିରକ୍ଷର ଦୂର ପାଇଁ ଜନସାଧାରଣଙ୍କୁ ବୁଝାଇଥିଲେ।



ଇନ୍ଦିପୁର କଲେଜ ପକ୍ଷରୁ ସାକ୍ଷରତା ଅଭିଯାନ।

# ନିଶାଠାରୁ ସମସ୍ତେ ଦୂରେଇ ରୁହନ୍ତୁ



ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ,୧୦।୧୨ (ରତନ ନାୟାର)**

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଲୋକ ସମ୍ପର୍କ ଓ ସଂସ୍କୃତି ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କବି ଅଞ୍ଜନ କୁମାର ସାହୁ ଯୋଗଦେଇ ନିଶାଠାରୁ ସମସ୍ତେ ଦୂରେଇ ରହି ଏକ ସୁସ୍ଥ ଓଡ଼ିଶା ଓ ସୁସ୍ଥ ଭାରତ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟରେ ସ୍ୱର୍ଣ୍ଣଲତା ମହାଳିକ, ନିରୁପମା ନାୟକ, ଡ. ତୃପ୍ତିରେଖା ଜେନା, ସବୁଜଲତା ସାହୁ, ସ୍ୱାତୀ ସୁଚରିତା ସ୍ୱାଇଁ ଓ ଡ. ସସ୍ମିତା ଦାସ, ଯୁକ୍ତ ୩ ବିଜ୍ଞାନ ଛାତ୍ରୀ ମୋନାଲିସା ଓଝା, ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶାର ତଥା କାର୍ଯ୍ୟକ୍ରମ ମୁଖ୍ୟ ସଂଯୋଜିକା କାର୍ଯ୍ୟକ୍ରମର ସଂଯୋଜନ କରିଥିଲେ। ଡ. ନୀହାର ରଞ୍ଜନ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଭୁବନ,୧୦।୧୨(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜିରାଳ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମଠାରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସରୋଜ କୁମାର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ୨୧୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୦୦ରୁ ୩ ହଜାର ମିଟର ଦୌଡ଼ ପ୍ରତିଯୋଗିତା ସହିତ ଲମ୍ବଡିଆଁ, ଉଚ୍ଚ ଡିଆଁ, ସଟପୁଟ୍ ଥ୍ରୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶାରୀରିକ ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଲେଙ୍କା, ଅହଲ୍ୟା ଖୁଣ୍ଟିଆ, ମମତା ମଞ୍ଜରୀ ସାହୁ ଓ ଶିକ୍ଷକ ସନ୍ତୋଷ ସେଠୀ, ମନୋରଞ୍ଜନ ମିଶ୍ର, ରଶ୍ମିରଞ୍ଜନ ସାହୁ, ଦୀପ୍ତିରଞ୍ଜନ ଦାସ, କର୍ମଚାରୀ ଭଗବାନ ବାରିକ, ଦୀପ୍ତିରଞ୍ଜନ ପାତ୍ର ସହଯୋଗ କରିଥିଲେ।



ଉଚ୍ଚଡିଆଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହଯୋଗ କର

**ଢେଙ୍କାନାଳ,୧୦।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୋରୁହଖୋଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଗଁଦିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନିରଞ୍ଜନ ପ୍ରଧାନ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟେନ୍ଦ୍ର କୁମାର ସାହୁ ଓ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ମିଳିତ ଉଦ୍ୟମରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ପରେ ଆୟୋଜିତ ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଦ୍ୟାଧର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନା ରାଣୀ ଖଟୁଆ ଓ ବିଶିଷ୍ଟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟେନ୍ଦ୍ର କୁମାର ସାହୁ, ସୁବାସ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ବଳରାମ ପରିଡ଼ା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁ, ଦିବ୍ୟାଙ୍ଗ ଶିକ୍ଷକ ସ୍ମୃତି ରଞ୍ଜନ ପରିଡ଼ା ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରି ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। ବିଜୟ କୁମାର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୃଥୀରାଜ ନାୟକ, ବିନୋଦ ଦେହୁରୀ, ବିଶ୍ୱନାଥ ମାଝି, ଅଭୟ ନାୟକ, ସଂଗ୍ରାମ ଚାନ୍ଦ, ବିଜୟ ବାନରା ସହଯୋଗ କରିଥିଲେ। ଟ୍ରାଇ ସାଇକେଲ, ହୁଇଲ ଚେୟାର, ସିପିଚେୟାର ଓ ଶିକ୍ଷଣ କିଟ ବଣ୍ଟନ କରାଯାଇଥିଲା।



# ଲୁହାମରା ଗ୍ରାମରେ ବାର୍ଷିକ ଉତ୍ସବ

**କଣିହାଁ,୧୦।୧୨ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ବଡଗୁଣ୍ଡିରି ପଞ୍ଚାୟତ ଲୁହାମରା ଗ୍ରାମରେ ଗ୍ରାମର ବାର୍ଷିକ ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟେକଙ୍କ ଘରେ ବନ୍ଧୁ ବାନ୍ଧବ ଭିଡ ଜମିଥିବାବେଳେ ରାତିରେ ଦର୍ଶକଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମକୁ ନେଇ ବାଦଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କାକୁଡିଆ ଓ ଗଡସନ୍ତ୍ରୀ ଦଳ ଭାଗ ନେଇ କଳା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ସଂସ୍କୃତ ଶିକ୍ଷକ ପ୍ରଶାନ୍ତ ବେହେରା, ଦଣ୍ଡନୃତ୍ୟ ବିଶାରଦ ନନ୍ଦକିଶୋର ଜ୍ୟୋତିଷ, ଦାସରଥି ସାହୁ, ଲୋକନାଥ ସାହୁ, ପ୍ରଚଣ୍ଡ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ସଭାପତି ଭାବଗ୍ରାହୀ ବେହେରା, ସମ୍ପାଦକ ନେକୁରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହାବିଦ୍ୟାଳୟ ଛାତ୍ରୀଙ୍କୁ ଯୋଗ ଶିକ୍ଷା

**କାମାକ୍ଷାନଗର,୧୦।୧୨(ଅମଜାଦ ଖାନ)**

କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଧାରରେ ଛାତ୍ରୀଙ୍କୁ ନେଇ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦିତା ମହାନ୍ତିଙ୍କ ନେତୃତ୍ୱରେ ଯୋଗଗୁରୁ ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ଜେନା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜିକା ମଧୁସ୍ମିତା ମହାପାତ୍ର କିପରି ବାଲ୍ୟ ବିବାହ ବନ୍ଦ କରାଯାଇପାରିବ, ଛାତ୍ରୀମାନେ ଯୌନ ଶୋଷଣର ଶିକାର ନ ହେବେ ଆଦି ବିଷୟରେ ଆଲୋଚନା କରିଥିଲେ। ପରେ ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଆଶିଷ ମହାନ୍ତି, ଅଧ୍ୟାପକ ଦୀପକ ବିଶ୍ୱାଳ, ଅଧ୍ୟାପିକା ଡ. ରେଣୁକା ପଣ୍ଡା,ଅଧ୍ୟାପିକା ସୁରମା ପ୍ରଧାନ, ନିରଞ୍ଜନ ମଲ୍ଲିକ, ଚିତ୍ତରଞ୍ଜନ ମହାନ୍ତି, ସୁରେଶ ବେହେରା, ବିନୋଦିନୀ ସାସମଲ, ସଚଳା ଦେହୁରୀ, ସଞ୍ଜୁଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ।



କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସାମାଜିକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ମଦ ଜବତ, ଜଣେ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ଠାକୁରଗଡ଼ ପୋଲିସ ରବିବାର ଠାକୁରଗଡ଼ ଅଞ୍ଚଳରେ ଚଢ଼ାଉ କରି ସସ୍ମିତା ରଣାଙ୍କ ନିକଟରୁ ୧୦ ଲିଟର ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୭୯/୨୩ ରେ ଏକ ମାମଲା ରୁଜୁ ହୋଇଛି।

# କ୍ରୀଡ଼ାରେ ଭାଗ ନେବାକୁ ପରାମର୍ଶ

ଆଠମଲ୍ଲିକ, ୧୦।୧୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବିଶ୍ୱମ୍ବର ବେହେରା, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସାହୁ ସୁସ୍ଥ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ହୋଇଥିବାରୁ କ୍ରୀଡ଼ାରେ ଭାଗ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ, ଗଗନ କୁମାର ମିଶ୍ର, ମାନଭଞ୍ଜନ ପାଣିଗ୍ରାହୀ, ଅମ୍ବରୀଶ ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ସାହୁ, ହୃଷୀକେଶ ମହାକୁଡ଼, ଅର୍ପିତା ଅଞ୍ଜଳି ଗୁରିଆ, ପ୍ରବୀଣା ବିଶ୍ୱାଳ, ଜ୍ୟୋତିର୍ମୟୀ ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପିକ ଓ କର୍ମଚାରୀ ସହଯୋଗ କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ପ୍ରତିଯୋଗିତାରେ ଭାଗ ନେଲେ ୨ଶହ ଛାତ୍ରୀଛାତ୍ର



ତାଳଚେର,୧୦।୧୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ହେଁସମୂଳ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଆ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବେଣୁଧର ମହାରଣା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁମିତ୍ରା ସାହୁ ଓ ଓଷ୍ଟା ଅନୁଗୋଳ ଜିଲା ସମ୍ପାଦକ ତ୍ରିଲୋଚନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପ୍ରଧାନ, କଣିହାଁ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତାଳଚେର ବ୍ଲକ ସମ୍ପାଦକ ଟିକନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ୩୦ଟି ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭାପତି ଶ୍ରୀକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱରୀ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର, ସାମାଜିକ କର୍ମୀ ପର୍ଶୁରାମ ସାହୁ, ଜିଲା ଓଷ୍ଟା ସଭାପତି ଭାସ୍କର ଚନ୍ଦ୍ର ସାହୁ ଓ ଯୁବରାଜ ହାଇସ୍କୁଲର ପ୍ରଧାନଶିକ୍ଷକ ହେମନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବନବିହାରୀ ନାୟକ, ଜ୍ୟୋତିପ୍ରକାଶ ସାହୁ, ତପନେଶ୍ୱର ଶତପଥୀ, କୃଷ୍ଣଚନ୍ଦ୍ର ମହାନ୍ତି, ସରୋଜ କୁମାର ସାହୁ, ଦିଲୀପ କୁମାର ସାହୁ, ବିନୋଦ କୁମାର ବିଶ୍ୱାଳ, ହରିହର ପ୍ରଧାନ, ଟିକନ କୁମାର ସାମଲ, ଚଣ୍ଡୁ ନାହାକ, ଅର୍ଚ୍ଚନା ବେହେରା, ସୁରମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବନବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମ ପରିଷ୍କାର ରଖିବା ଉପରେ ଗୁରୁତ୍ୱ

ବଇଣ୍ଡା,୧୦।୧୨(ପରିକ୍ଷିତ ସାହୁ)

ନୂଆ ଓଡ଼ିଶା ଯୁବ ଓଡିଶା ପକ୍ଷରୁ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ସୌରଭ ମିଶ୍ର, ଅନ୍ୟତମ ଅତିଥି ଭାବେ ଗ୍ରାମର ଇନ୍ଦ୍ରମଣି ସାହୁ, ବିକ୍ରମ ବାଘ, ସନ୍ତୋଷ ସାହୁ, ସନ୍ତୋଷ ବିଶ୍ୱାଳ, ଅଧ୍ୟାପକ ତରୁଣ ପ୍ରଧାନ, ଟୁକୁନା ପ୍ରଧାନ, ଅଧ୍ୟାପିକା ଡ. କଲ୍ୟାଣୀ ରୂପା ମିଶ୍ର ଯୋଗ ଦେଇଥିଲେ। ପ୍ରତ୍ୟେକ ପରିବାର ନିଜ ଘର ଏବଂ ନିଜ ଅଞ୍ଚଳକୁ ପରିଷ୍କାର ରଖିବା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଠାକୁରଗଡ଼, ମେଡିକାଲ, କଲେଜ ଅଞ୍ଚଳରେ ସଫେଇ କରିଥିଲେ। ଚିତ୍ତରଞ୍ଜନ ବେହେରା, ସତ୍ପେଶ୍ୱର ପ୍ରଧାନ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅତିଥି, ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

# ଠିକ୍ ଭାବେ ଦାୟିତ୍ୱ ନିର୍ବାହ ଉପରେ ଗୁରୁତ୍ୱ





ବୈଠକରେ ଉପସ୍ଥିତ ଅତିଥିଙ୍କ ସମେତ କର୍ମକର୍ତ୍ତାମାନେ।

ଛେଣ୍ଡିପଦା, ୧୦।୧୨(ଅଜିତ ଧଳ)

**ଜୁବିଲି ପାଳନ କମିଟି ସମନ୍ୱୟ ବୈଠକ**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମାସ୍ଥିତ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଆସନ୍ତା ଜାନୁୟାରୀରେ ପାଳନ କରାଯିବ। ଏ ନେଇ ଜୁବିଲି ପାଳନ କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅନୁରୋଧ କ୍ରମେ ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦଙ୍କ ତତ୍ତ୍ୱାବଧାନରେ ଏକ ସମନ୍ୱୟ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱରେ ଥିବା ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କିପରି ନିଜ କାର୍ଯ୍ୟ ନିର୍ବାହ କରିବେ ସେ ନେଇ ବ୍ଲକ ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ। ଏଥିସହ ସ୍କାଉଟ୍ସ, ଗାଇଡ୍ସ ଓ ସ୍ୱେଚ୍ଛାସେବୀମାନେ ଶୃଙ୍ଖଳା ରକ୍ଷା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ନେଇ ଆଲୋଚନା କରିଥିଲେ। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କିପରି ହାତକୁ ନିଆଯିବ ତାହା ମଧ୍ୟ ଏଥିରେ ସ୍ଥାନ ପାଇଥିଲା। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସେଠୀ, ଜୁବିଲି ପାଳନ କମିଟି କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ପ୍ରସାଦ ବେହେରା, ମଧୁସୂଦନ ଦେହୁରୀ, ଉପଦେଷ୍ଟା ଚନ୍ଦ୍ରମଣି ପ୍ରଧାନ, ସୁଦୀପ୍ତ ପ୍ରଧାନ, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ସାଧାରଣ ସମ୍ପାଦକ ରାଜକିଶୋର ସାହୁ, ଦଣ୍ଡଧର ଦେହୁରୀ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସହ କୋଷାଧ୍ୟକ୍ଷ ଜଗବନ୍ଧୁ ସାହୁ, ସୋସିଆଲ ମିଡିଆ କୋଅର୍ଡିନେଟର ଅକ୍ଷୟପଦ ବେହେରା, ରବିନାରାୟଣ ସେଠୀ, ସତ୍ୟବାଦୀ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବଖରା ଜଳିଗଲା

କଣିହାଁ,୧୦।୧୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନା ବୁରକୁନା ପଞ୍ଚାୟତ ଗଙ୍ଗଧରପୁରୁ ଗ୍ରାମର ଜାନକୀ ଗଡ଼ନାୟକ ଓ ସୁଶୀଲ ଗଡନାୟକଙ୍କ ଘରେ ଶନିବାର ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଜାନକୀଙ୍କ ୨ ବଖରା ଓ ସୁଶୀଲଙ୍କ ଗୋଟିଏ ବଖରା ଜଳି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଏକ ବାଇକ୍ ମଧ୍ୟ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଖବରପାଇ କଣିହାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ



ଅନୁଗୋଳ,୧୦।୧୨(ଅମିତ ସାମଲ)

ଅନୁଗୋଳ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ କବି ରାଧାମୋହନ ଗଡନାୟକ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ନଗରମଣ୍ଡଳ ସଭାପତି ପ୍ରଦୀପ ରାଉତ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଦିବ୍ୟଜ୍ୟୋତି ନାୟକ, ସୌମ୍ୟକାନ୍ତ ସର, ଆଶିଷ ପାଣିଗ୍ରାହୀ, ବିନ୍ମୟ ଶତପଥୀ, ଶୁଭାଶିଷ ନାୟକ, ଶୁଭେନ୍ଦୁ ପରିଡ଼ା, କାରଗିଲ ଦାସ, ଦୀପକ ପରିଡା, ଦୀପକ ନାୟକ, ଅଙ୍କିତା ସାହୁ, ସୁଶ୍ରୀ ସୁପ୍ରିୟା ବେହେରା, ଦିବ୍ୟସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ଭୋଟରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ଆୟୋଜନ କରିଥିବାରୁ ଯୁବମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ସମୀର ପରିଡ଼ା, ଜିଲା ଉପସଭାପତି ପୁରୁଷୋତ୍ତମ ନାୟକଙ୍କୁ ଧନ୍ୟବାଦ ଦିଆଯାଇଥିଲା।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ତାଳଚେର,୧୦।୧୨(ମନୋଜ ନନ୍ଦ)

ତାଳଚେର ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ଥର୍ମାଲ ଡିଏଭି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ବୋଷ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର କିପରି ବିକାଶ ହୋଇପାରିବ ସେ ନେଇ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଆନ୍ଥ୍ରୋପୋଲୋଜି ବିଭାଗ ଡେମନଷ୍ଟ୍ରେଟର ଗଣେଶ୍ୱର ମହାନ୍ତି ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ କନକ ଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର କୁମାର ସାହୁ, ଗୁରୁଜାଙ୍ଗୁଲି ସରପଞ୍ଚ ଲିନା ସାହୁ ଯୋଗ ଦେଇଥିଲେ। ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅତିଥି ପରିଚୟ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗିଙ୍କୁ ଚୟନ କରାଯାଇଥିଲା। ସଂଯୋଜକ ରଞ୍ଜିତ ଗୁରୁ, ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ।

# ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ

ଅନୁଗୋଳ,୧୦।୧୨ (ଅମିତ ସାମଲ)

ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ଆମ୍ବେଦକର ପାର୍କରେ ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ତରଫରୁ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି କେଦାରନାଥ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ଇଡି ଏସ୍‌ଆଣ୍ଡପି କମ୍ପ୍ଲେକ୍ସ ଅମିୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗ୍ରୁପ୍ ଜେନେରାଲ ମ୍ୟାନେଜର (ସିପିପି) ମନୋରଞ୍ଜନ ଆଚାର୍ଯ୍ୟ, ଗ୍ରୁପ୍ ଜେନେରାଲ ମ୍ୟାନେଜର (ଓଆଣ୍ଡଏମ୍) ସିପିପି ସତ୍ୟବାଦୀ ମିଶ୍ର, ଜେନେରାଲ ମ୍ୟାନେଜର (ଏଚ୍‌ଆଣ୍ଡଏ) ସ୍ମେଲଟର ଚନ୍ଦ୍ରମୋହନ ମିଶ୍ର, ଡେପୁଟି ଜେନେରାଲ ମ୍ୟାନେଜର (ପ୍ରଶାସନ) ରାଜାରାମ ମିଶ୍ର ଓ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆମ୍ବେଡକରଙ୍କ ଜୀବନୀ, ତ୍ୟାଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଛବୀନ୍ଦ୍ର ଭୋଇ, ଭାସ୍କର ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଓରାମ, ଯଦୁନାଥ ପ୍ରଧାନ, ରାଜେନ୍ଦ୍ର କୁମାର ନାଏକ, କୈଳାସ ଚନ୍ଦ୍ର ସିଅଳ, ଅକ୍ଷୟ କୁମାର ଭୂତିଆ, ସର୍ବସିଦ୍ଧି ବାଗ ଉପସ୍ଥିତ ଥିଲେ। ଉଦ୍ୟାନ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ବନବିହାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

# ଦାଦରସାହିକୁ ହରାଇ କରଡ଼ାବାହାଳୀ ଚାମ୍ପିୟନ

ବଇଣ୍ଡା,୧୦।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ଦାଦରସାହି ଖେଳ ପଡିଆ ଠାରେ ଦିନିକିଆ ମା’ ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କରଡାବାହାଳି, ଦାଦରସାହି, ଡଙ୍ଗାଧର, ଇଚ୍ଛାପୁର, କଦଳୀମୁଣ୍ଡା, ବଡ଼ହୁଲା, ଶାଳବଣିସାହି, ଶିକ୍ଷକପଡା ଟିମ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କରଡ଼ାବାହାଳୀ ଓ ଦାଦରସାହି ମଧ୍ୟରେ ଖେଳାଯାଇଥିଲା। ଏଥିରେ କରଡ଼ାବାହାଳି କ୍ଲବ ଚାମ୍ପିୟାନ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ଗାଁ ବଇଣ୍ଡା ସରପଞ୍ଚ ସସ୍ମିତା ସାହୁ, ମାନସ କୁମାର ସାହୁ, କ୍ଲବ ସଦସ୍ୟ ବିଦେଶୀ ବେହେରା, ଗୋବିନ୍ଦ ବେହେରା, ରାନା ବେହେରା, ଧନୀ ବେହେରା, ଭୀମସେନ ସୁରିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରିଙ୍କୁ ଦେହୁରୀ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ଦାଦରସାହି କ୍ଲବର ଯୋଗେନ୍ଦ୍ର ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ଲକ୍ଷ୍ମଣ ବେହେରା ଓ ବକ୍ସର ବେହେରା ପରିଚାଳନା କରିଥିଲେ। ଶେଷରେ ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।



କ୍ରିକେଟ୍ ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ମହାବିଦ୍ୟାଳୟରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ





ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

ଛେଣ୍ଡିପଦା,୧୦।୧୨(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ପରିଚାଳନା ସମିତି ସଭାପତି ଶରତ ଚନ୍ଦ୍ର ଗଡ଼ନାୟକ, ପରିବେଶବିତ ପ୍ରଦୀପ ସାହୁ, ପରିଚାଳନା ସମିତି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ନୂଆ ଓଡ଼ିଶା କାର୍ଯ୍ୟକ୍ରମ ନୋଡାଲ ଅଫିସର ଜଗବନ୍ଧୁ ସାହୁ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ଡଃ ରେଣୁବାଳା ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏଚଡିଏଫସି ବ୍ୟାଙ୍କ ବଡକେରା ଶାଖା ପରିଚାଳକ ମାହେଶ୍ୱରୀ ସାହୁ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ସାହୁ, ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଶିକ୍ଷାବିତ୍ ରବିନାରାୟଣ ମହାନ୍ତିଙ୍କ ପରଲୋକ

କାମାକ୍ଷାନଗର,୧୦।୧୨ (ଅମଜାଦ ଖାନ)



ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଆଳତୁମା ଗାଁର ବରିଷ୍ଠ ଶିକ୍ଷାବିତ୍ ତଥା ଦଧିବାମନଜୀଉ ଉ.ପ୍ରା. ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ମହାନ୍ତିଙ୍କ ରବିବାର ଅପରାହ୍ନ ୨ଟାରେ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମ ସହ କାମାକ୍ଷାନଗରରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ନଗରପାଳ ଧର୍ମାନନ୍ଦ ପରିଡ଼ା, ଗ୍ରାମ ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ଗ୍ରାମର ସମସ୍ତ ନିର୍ବାଚିତ ଜନପ୍ରତିନିଧି ଓ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷଦର୍ଶନ କରିବା ସହ ଗଭୀର ଶୋକବ୍ୟକ୍ତ କରିଥିଲେ। ଶିକ୍ଷା କ୍ଷେତ୍ରରେ ତାଙ୍କ ସମୟରେ ଗ୍ରାମରେ ହୋଇଥିବା ଅଭିବୃଦ୍ଧି ଚିରସ୍ମରଣୀୟ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ‘ସରକାରୀ ବିଦ୍ୟାଳୟ ପ୍ରତି ଆସ୍ଥା ବଢୁଛି’

ଭୁବନ,୧୦।୧୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ପ୍ରଫେସର ବିଜୟ ବହିଦାର, ଅନ୍ୟତମ ଅତିଥି ଭାବେ ପୁରାତନ ଛାତ୍ର ଡ. ଧନେଶ୍ୱର ସାହୁ ଓ ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଧନେଶର ସାହୁ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ଚୁଗୁଲି ସାହୁ ଓ ରସାନନ୍ଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଲେ, ବିଦ୍ୟାଳୟ ପ୍ରତି ବିଦ୍ୟାର୍ଥୀଙ୍କ ଆକର୍ଷଣ ରହିଛି, ସରକାରୀ ବିଦ୍ୟାଳୟ ପ୍ରତି ଆସ୍ଥା ବଢୁଛି। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ବିରୁପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ମହୋତ୍ସବ ସଂଯୋଜକ ରୁଦ୍ର ନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ମାତୃ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବ ପରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନଙ୍କ ସହ ପୁରାତନ ଛାତ୍ରମାନେ।

